**ଗୁପ୍ତା ଷ୍ଟିଲ ଇଣ୍ଡଷ୍ଟ୍ରିଜ୍**

**ବନାମ**

**ମେସର୍ସ ଜଲି ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ୍ ଏବଂ ଅନ୍ୟଜଣେ**

**ସେପ୍ଟେମ୍ବର 23,1996**

**[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦେୱାନୀ ପ୍ରକ୍ରିୟା ସଂହିତା, 1908:*

*ଆପୋସ ବୁଝାମଣା ଡିକ୍ରି – ସଂଶୋଧନ – ଉଚ୍ଚ ନ୍ୟାୟାଳୟରେ ପ୍ରଥମ ଅପିଲ ବିଚାରଧୀନ ଥିବାବେଳେ, ଏକ ଆପୋସ ବୁଝାମଣା ଡିକ୍ରି ପାରିତ ହୋଇଥିଲା, ଯେଉଁଥିରେ ଉତ୍ତରଦାତାମାନଙ୍କୁ ବିଚାର କରୁଥିବା ନ୍ୟାୟାଳୟରେ କିଛି ପରିମାଣର ଅର୍ଥ ଜମା କରିବାକୁ ପଡ଼ିଥିଲା ଏବଂ ଅପିଲକାରୀମାନେ ଜମି ଏବଂ ଯନ୍ତ୍ରପାତି ପ୍ରାପ୍ତକର୍ତ୍ତାଙ୍କୁ ହସ୍ତାନ୍ତର କରିବାକୁ ପଡ଼ିଥିଲା – ଉତ୍ତରଦାତାମାନେ ସମୟ ମଧ୍ୟରେ ଅର୍ଥ ଜମା କରିନଥିଲେ – ଉଚ୍ଚ ନ୍ୟାୟାଳୟ ଉତ୍ତରଦାତାମାନଙ୍କ ଦ୍ୱାରା ବିଳମ୍ବରେ ଦେୟ ଗ୍ରହଣ କରିଥିଲେ ଏବଂ ଅପିଲକାରୀଙ୍କୁ, ଦେୱାନୀ ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ବ୍ୟବହାର ଏବଂ ପେଶା ବାବଦକୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ – ଦର୍ଶାଯାଇଛି, ଆଇନର ଏକ ନୀତି ଅନୁଯାୟୀ, ଯଦି ପକ୍ଷମାନେ ଏଥିପାଇଁ ରାଜି ନହୁଅନ୍ତି, ଉଚ୍ଚ ନ୍ୟାୟାଳୟ ସମ୍ମତ ଡିକ୍ରିରେ ହସ୍ତକ୍ଷେପ କରିବା ଏବଂ ସଂଶୋଧନ କରିବାରେ ଭୁଲ ଥିଲେ – ତଥାପି, ଏହି ଦୀର୍ଘ ସମୟ ପରେ ଡିକ୍ରିରେ ହସ୍ତକ୍ଷେପ କରିବା ନ୍ୟାୟସଙ୍ଗତ ହେବ ନାହିଁ – ଉତ୍ତରଦାତାମାନେ ଅପିଲକାରୀଙ୍କୁ କାରଖାନା କାର୍ଯ୍ୟ କରିବାର ଦଖଲରେ ରହିବାକୁ ବାରଣ କରିଥିଲେ କି ନାହିଁ ତାହାର ତଦନ୍ତ କରିବା ଏବଂ ତଦନୁସାରେ କ୍ଷତି ପ୍ରଶ୍ନର ନିଷ୍ପତ୍ତି ନେବା ପାଇଁ ବିଚାର କରୁଥିବା ନ୍ୟାୟାଳୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି – ଯଦି ମକଦ୍ଦମା ସଂବନ୍ଧିତ ଖାତାରେ ଜମା ହୋଇଥିବା ରାଶି ସୁଧ ଅର୍ଜନକାରୀ ଅମାନତରେ ବିନିଯୋଗ ହୋଇନଥିବ, ତେବେ ଉତ୍ତରଦାତାମାନେ ଜମା ତାରିଖରୁ ଉଚ୍ଚ ନ୍ୟାୟାଳୟଙ୍କ ରାୟ ତାରିଖ ପର୍ଯ୍ୟନ୍ତ ବାଣିଜ୍ୟିକ ହାରରେ ସୁଧ ଦେବେ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 12995–13000/1996 ଇତ୍ୟାଦି ।

ସି.ଏ. ସଂଖ୍ୟା 3588/91, 1686, 3580/92, 1415 ଏବଂ 1414 of 1993ରେ, ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ତା 18.7.9 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଭୀମରାଓ ନାୟକ ଏବଂ ଏ. ଏମ୍. ଖାନୱିଲକର ।

ଉତ୍ତରଦାତାମାନଙ୍କ ପାଇଁ ସୋଲି ଜେ. ସୋରାବଜୀ, ଜେ. କେ. ଦାସ ଏବଂ ଜେ. ସାୱଲା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶଗୁଡ଼ିକ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଯାଇଛି ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡିକ, ଏଫ୍.ଏ. ସଂଖ୍ୟା 1 ଏବଂ 2/90 ରେ ଦେୱାନୀ ଆବେଦନ ସଂଖ୍ୟା 3588–89/91 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠର ଜୁଲାଇ 18,1996 ର ଆଦେଶରୁ ଉତ୍ପନ୍ନ ହୋଇଥିଲା ।

ସ୍ୱୀକୃତ ସ୍ଥିତି ହେଉଛି ଯେ, ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ଆପୋସ ବୁଝାମଣା ଅନୁଯାୟୀ, ଉଚ୍ଚ ନ୍ୟାୟାଳୟରେ ପ୍ରଥମ ଅପିଲ ବିଚାରାଧୀନ ଥିବାବେଳେ, 12.4.1991 ରେ ଖଣ୍ଡପୀଠଙ୍କ ଦ୍ୱାରା ଏକ ଆପୋସ ବୁଝାମଣା ଡିକ୍ରି ଜାରି କରାଯାଇଥିଲା । ଆପୋସ ବୁଝାମଣା ଡିକ୍ରିର ଖଣ୍ଡ (2) ନିମ୍ନମତେ ପଢାଯାଏ:

"2. (a) ପକ୍ଷମାନେ ସହମତ ଯେ ଜଲି ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ଼ ଏବଂ ଜଲି ଟୋର୍ଷ୍ଟିଲ୍ ପ୍ରାଇଭେଟ ଲିମିଟେଡ଼, ଏଠାରେ ଉତ୍ତରଦାତା ଏବଂ ଯଥାକ୍ରମେ, ମକଦ୍ଦମା ସଂଖ୍ୟା 446/1987 ଏବଂ ମକଦ୍ଦମା ସଂଖ୍ୟା 447/1987 ରେ ମୂଳ ବାଦୀ ଅଟନ୍ତି, ବିଚାର କରୁଥିବା ନ୍ୟାୟାଳୟରେ ସେମାନଙ୍କ ମଧ୍ୟରେ 31 ମେ, 1991ରେ କିମ୍ବା ତା ପୂର୍ବରୁ ସର୍ବମୋଟ ଟ.15,00,000(ପନ୍ଦର ଲକ୍ଷ ଟଙ୍କା) ଏବଂ 29 ଜୁନ, 1991ରେ କିମ୍ବା ପୂର୍ବରୁ ମୋଟ ଟ. 10,40,000(ଦଶ ଲକ୍ଷ ଚାଳିଶ ହଜାର ଟଙ୍କା ) ଜମା କରିବେ ।

(b) ଅପିଲକାରୀ (ମୂଳ ପ୍ରତିବାଦୀ) ଙ୍କ ଦ୍ୱାରା ଅତ୍ୟଧିକ ଅର୍ଥ ପ୍ରଦାନ କାରଣରୁ, ଏହି ଅର୍ଥରାଶି ମକଦ୍ଦମା ସଂଖ୍ୟା 446/1987ରେ ଅତିରିକ୍ତ ଦେୱାନୀ ନ୍ୟାୟାଳୟ, ବରିଷ୍ଠ ପ୍ରଭାଗ, ପୁଣେରେ ଜମା କରାଯିବାର ଅଛି, କାରଣ ପ୍ରତିବାଦୀମାନେ ଅର୍ଥ ପ୍ରଦାନ କରିବା ପାଇଁ ଉତ୍ତରଦାୟୀ ନଥିଲେ ଏବଂ ଉତ୍ତରଦାତାମାନେ (ମୂଳ ବାଦୀ) ତାହା ଗ୍ରହଣ କରିବା ପାଇଁ ହକଦାର ନଥିଲେ ।

(c) ଅପିଲକାରୀ (ମୂଳ ପ୍ରତିବାଦୀ) ମାନେ ଉପରୋକ୍ତ ଅର୍ଥ ଉଠାଇବା ପାଇଁ ସ୍ୱତନ୍ତ୍ର ଅଟନ୍ତି ।

ସ୍ୱୀକାରଯୋଗ୍ୟଭାବେ, ଶେଷ ତାରିଖ, ଅର୍ଥାତ୍ ଜୁନ୍ 29,1991, ଶେଷ ହେବାର ଏକ ମାସ ପରେ, 12 ଲକ୍ଷ ଟଙ୍କା ଜମା କରାଯାଇଥିଲା । ଏହି ସମୟରେ, ଉତ୍ତରଦାତାମାନେ ବିଚାର କରୁଥିବା ନ୍ୟାୟାଳୟରେ ସମୟ ବୃଦ୍ଧି ପାଇଁ ଏକ ଆବେଦନ ଦାଖଲ କରିଥିଲେ । ଏହାର କୌଣସି ଅଧିକାରିତା ନାହିଁ

ବୋଲି ଦର୍ଶାଇ ଏହାକୁ ଖାରଜ କରାଯାଇଥିଲା । ଫଳସ୍ୱରୂପ, ଏହି ଆବେଦନ ଉଚ୍ଚ ନ୍ୟାୟାଳୟରେ ଦାଖଲ କରାଯାଇଥିଲା । ସେହିଭଳି ଖଣ୍ଡ 5 (a) ଅନୁଯାୟୀ ଅପିଲକାରୀମାନେ ମଧ୍ୟ ବିବାଦୀୟ ଜମି ଏବଂ ଯନ୍ତ୍ରପାତି, ପ୍ରାପ୍ତ କର୍ତ୍ତାଙ୍କୁ 31 ମାର୍ଚ୍ଚ, 1992 କିମ୍ବା ତା 'ପୂର୍ବରୁ ଦଖଲ ହସ୍ତାନ୍ତର କରିବାକୁ ରାଜି ହୋଇଥିଲେ । ଉତ୍ତରଦାତାଙ୍କ ଦ୍ୱାରା କରାଯାଇଥିବା ଖିଲାପକୁ ଦୃଷ୍ଟିରେ ରଖି, ଅପିଲକାରୀମାନେ ଏକ ଆବେଦନ ଦାଖଲ କରିବାକୁ ଆସିଥିଲେ, ଯାହା ଆଧାରରେ ଉଚ୍ଚ ନ୍ୟାୟାଳୟ ମାର୍ଚ୍ଚ 27,1992 ରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଏକ ଆଦେଶ ପାରିତ କରିଥିଲେ । ଅପିଲକାରୀମାନେ ଉତ୍ତରଦାତାମାନଙ୍କ ବିରୁଦ୍ଧରେ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଯେଉଁଥିରେ ଉଚ୍ଚ ନ୍ୟାୟାଳୟଙ୍କ ଅନ୍ୟ ଏକ ଖଣ୍ଡପୀଠ ଜୁଲାଇ 18,1996 ରେ ଏକ ଆଦେଶ ପାରିତ କରି କହିଛନ୍ତି ଯେ, ଉତ୍ତରଦାତାଙ୍କ ଦ୍ୱାରା କାରଖାନାକୁ ତାଲା ପକାଯିବା କାରଣରୁ ଉତ୍ତରଦାତାମାନେ ଅପିଲକାରୀଙ୍କୁ ଦଖଲରୁ ବାରଣ କରିଛନ୍ତି । ତଥାପି, ଅବମାନନା ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ଆକ୍ଷେପିତ ଆଦେଶରେ, ଖଣ୍ଡପୀଠ, ଉତ୍ତରଦାତାମାନଙ୍କ ଦ୍ୱାରା ବିଳମ୍ବରେ ଦେୟକୁ ଗ୍ରହଣ କରି ଏକ ଆଦେଶ ପାରିତ କରିଥିଲେ ଏବଂ ଅପିଲକାରୀମାନଙ୍କୁ ବ୍ୟବହାର ଏବଂ ପେଶା ପାଇଁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ଯାହା ଦେୱାନୀ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବ । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ।

ଆଇନର ନୀତି ଅନୁଯାୟୀ, ପକ୍ଷମାନେ ରାଜି ନହେବା ପର୍ଯ୍ୟନ୍ତ ସମ୍ମତ ଡିକ୍ରିରେ ହସ୍ତକ୍ଷେପ ଏବଂ ସଂଶୋଧନ କରିବାରେ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବରେ ଭୁଲ ଥିଲେ । ଯଦିଓ ଅପିଲକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀ ଭୀମରାଓ ନାୟକ ଯୁକ୍ତି କରିଛନ୍ତି ଯେ, ତଥ୍ୟ ଏବଂ ପରିସ୍ଥିତି ଉପରେ ଅନୁପାଳନ ପାଇଁ ସମୟ ବୃଦ୍ଧି କରିବାକୁ ସମୟ ଅବଧି ସମାପ୍ତ ହେବା ପରେ ଉଚ୍ଚ ନ୍ୟାୟାଳୟର କୌଣସି କ୍ଷମତା ନାହିଁ, ଆମେ ଭାବୁନାହୁଁ ଯେ, ଆମେ ଏହି ଦୀର୍ଘ ସମୟ ପରେ, ଏହି ଆଦେଶରେ ହସ୍ତକ୍ଷେପ କରିବା ଯଥାର୍ଥ ହେବ । ତଥାପି, କ୍ଷତିପୂରଣ ପ୍ରଦାନ କରିବାର ନିର୍ଦ୍ଦେଶାବଳୀ ସମ୍ବନ୍ଧରେ, ଆମେ ଭାବୁନାହୁଁ ଯେ, ଏହି ପର୍ଯ୍ୟାୟରେ କୌଣସି ଫଳାଫଳ ଦେବା ଉପଯୁକ୍ତ ହେବ; ତଥାପି, ବିଚାର କରୁଥିବା ନ୍ୟାୟାଳୟଙ୍କୁ ଏକ ତଦନ୍ତ କରିବାକୁ ଏକ ନିର୍ଦ୍ଦେଶାବଳୀ ଦିଆଯାଇଛି ଯେ, ଅପିଲକାରୀଙ୍କୁ ଉତ୍ତରଦାତାମାନଙ୍କ କାର୍ଯ୍ୟକଳାପ ଦ୍ୱାରା ଦଖଲରେ ରହିବାକୁ ଏବଂ କାରଖାନା ଚଳାଇବାକୁ ବାରଣ କରାଯାଇଥିଲା କି ନାହିଁ । ଯଦି ନଥିଭୁକ୍ତ ତଦନ୍ତର ଫଳାଫଳ ସୂଚାଏ ଯେ, ଅପିଲକାରୀଙ୍କୁ କାରଖାନାକୁ ଚଳାଇବା ପାଇଁ ଉତ୍ତରଦାତାଙ୍କ କାର୍ଯ୍ୟ ଦ୍ୱାରା ବାରଣ କରାଯାଇଥିଲା, ଅପିଲକାରୀ କୌଣସି କ୍ଷତି ଭରଣା କରିବାକୁ ଉତ୍ତରଦାୟୀ ହେବେ ନାହିଁ । ଅନ୍ୟପକ୍ଷରେ, ଯଦି ଏହା ଜଣାପଡ଼େ ଯେ, ଉଚ୍ଚ ନ୍ୟାୟାଳୟ ସ୍ଥିତାବସ୍ଥାର ଆଦେଶ ମଞ୍ଜୁର କରିଥିବା ତଥ୍ୟକୁ

ଦୃଷ୍ଟିରେ ରଖି ଅପିଲକାରୀ କାରଖାନାକୁ କାର୍ଯ୍ୟକ୍ଷମ କରିଥିଲେ, ତେବେ ଆମେ ଭାବୁଛୁ ଯେ, ସେମାନେ 2,500 ଟଙ୍କା ପ୍ରତି ମାସ ହାରରେ ଦେୟ ଦେବାକୁ ଦାୟୀ ହେବେ ।

ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀ ସୋଲି ଜେ. ସୋରାବଜୀଙ୍କ ଦ୍ୱାରା ଏହା କୁହାଯାଇଛି ଯେ, ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଛଅ ମାସ ଅବଧି ଶେଷ ହେବା ପୂର୍ବରୁ ଉତ୍ତରଦାତାମାନଙ୍କ ଦ୍ୱାରା ଜମା କରାଯାଇଥିବା ଟ. 12,00,000 (କେବଳ ବାର ଲକ୍ଷ ଟଙ୍କା) ଅପିଲକାରୀଙ୍କ ଦ୍ୱାରା ନଗଦ କରାଯାଇଛି । ଅପିଲକାରୀମାନେ ଏହାକୁ ଅସ୍ୱୀକାର କରୁଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ତାରିଖ ପର୍ଯ୍ୟନ୍ତ ଏହି ରାଶି ବିଦ୍ୟମାନ ଥିଲା କି ନାହିଁ ଏବଂ ଏହି ଆଦେଶ ପ୍ରାପ୍ତ ହେବାର ଛଅ ମାସ ମଧ୍ୟରେ କୌଣସି ସୁଧ ଅର୍ଜନକାରୀ ଅମାନତରେ ଜମା ହୋଇଛି କି ନାହିଁ, ତାହା ଯାଞ୍ଚ କରିବାକୁ ବିଚାର କରୁଥିବା ନ୍ୟାୟାଳୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ଏହି ରାଶି ମକଦ୍ଦମା ସଂବନ୍ଧିତ ଖାତାରେ ଜମା କରାଯାଇଥିବ ଏବଂ ଏହା ସୁଧ ଅର୍ଜନକାରୀ ଅମାନତରେ ବିନିଯୋଗ ହୋଇନଥିବ, ତେବେ ଉତ୍ତରଦାତାମାନଙ୍କୁ ଜମା ତାରିଖ ଠାରୁ ଉଚ୍ଚ ନ୍ୟାୟାଳୟଙ୍କ ରାୟ ତାରିଖ ପର୍ଯ୍ୟନ୍ତ ବାଣିଜ୍ୟିକ ହାରରେ ସୁଧ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ଅପିଲକାରୀ ଏହାକୁ ପ୍ରତ୍ୟାହାର କରିନେଇଥିବା ଜଣାପଡ଼େ, ତେବେ ସୁଧ ଦେବାର ଆବଶ୍ୟକତା ପଡ଼ିବ ନାହିଁ ।

ଶ୍ରୀଯୁକ୍ତ ଭୀମରାଓ ନାୟକ ଆହୁରି ଅନୁରୋଧ କରିଛନ୍ତି ଯେ, ମକଦ୍ଦମାର ଜମାରେ ଥିବା ଏହି ଅର୍ଥରାଶି 20,00,000 (କେବଳ କୋଡ଼ିଏ ଲକ୍ଷ ଟଙ୍କା), ଅପିଲକାରୀଙ୍କ ଦ୍ୱାରା ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦିଆଯାଇପାରେ । ଆମେ କୌଣସି ନିର୍ଦ୍ଦେଶାବଳୀ ଦେବାକୁ ଇଚ୍ଛୁକ ନୋହୁଁ । ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ମଧ୍ୟବର୍ତ୍ତୀ ଲାଭର ତଦନ୍ତ କରାଯିବା ପରେ ଏବଂ ଯଦି କୌଣସି ପକ୍ଷର କୌଣସି ପରିମାଣ ବକେୟା ଥାଏ, ତେବେ ସମାଯୋଜନ ମାଧ୍ୟମରେ, ସେହି ଅନୁଯାୟୀ ସ୍ଥିର କରାଯାଇପାରିବ ।

ତଦନୁସାରେ ଅପିଲଗୁଡ଼ିକର ପରିସମାପ୍ତି କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଅପିଲଗୁଡ଼ିକର ପରିସମାପ୍ତି ହୋଇଛି ।

## ଗୁପ୍ତା ଷ୍ଟିଲ ଇଣ୍ଡଷ୍ଟ୍ରିଜ୍ ବନାମ ଜଲି ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍(ପି)ଲିମିଟେଡ଼

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

**ଶ୍ରୀ ଦୀପକ କୁମାର ସାହୁ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**